# ପ୍ରାକ୍ -ଗର୍ଭାବସ୍ଥା ଓ ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ ସମ୍ପର୍କୀତ ଜିଲ୍ଲା ସ୍ତରୀୟ ପରାମର୍ଶଦାତା କମିଟୀ ବୈଠକ ।

ଜିଲ୍ଲାରେ ଚାଲୁଥିବା ଅଲଟ୍ରାସାଉଣ୍ଡ କ୍ଲିନିକ୍ ଗୁଡିକରେ PC & PNDT ଆଇନର ସଠିକ୍ କାର୍ଯ୍ୟକାରିତାକୁ ନେଇ ଗତକାଲି ଅପରାହ୍ନରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥିଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲ୍ଲା ସ୍ତରୀୟ ପରାମର୍ଶଦାତା କମିଟୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ବିଭିନ୍ନ ଅଂଚଳର ଲିଙ୍ଗଗତ ବୈଷମତା ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ ସମୀକ୍ଷା କରିଥିଲେ । କେଣିହାଁ ଅଂଚଳରେ କନ୍ୟା ସନ୍ତାନମାନଂକ ସଂଖ୍ୟା ଉଦ୍‌ବେଗଜନକ ଭାବେ କମୁଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ । ଅଙ୍ଗନୱାଡି କର୍ମୀମାନେ ଘରକୁ ଘର ବୁଲି ନବଜାତ ସନ୍ତାନମାନଂକର ଜନ୍ମ ପଂଜିକରଣ କରିବା ସହ ଆସନ୍ନ ପ୍ରସବା ମହିଳାଂକ ଉପରେ ତୀକ୍ଷଣ ଦୃଷ୍ଟି ରଖିବାକୁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଅଣ-ପଂଜିକୃତ ଅଲଟ୍ରାସାଉଣ କ୍ଲିନିକ୍‌ଗୁଡିକୁ ଚିହ୍ନଟ କରିବା ନିମନ୍ତେ ଏହାର ବିକ୍ରେତାଂକ ଅତିତର ବିକ୍ରି ବିବରଣୀ ସଂଗ୍ରହ କରିବା ସହ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶକଂକ ନିୟମାବଳୀକୁ ଅନୁସରଣ କରିବାକୁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ବର୍ତମାନ ଜିଲ୍ଲାରେ ଲିଙ୍ଗ ଅନୁପାତରେ କନ୍ୟା ସନ୍ତାନମାନଂକର ସଂଖ୍ୟା ସବ୍ ସେଣ୍ଟର ତଥ୍ୟ ଅନୁଯାୟୀ ୯୪୧ ଅଛି । ବୈଠକରେ ଉପସ୍ଥିତ ପବ୍ଲିକ୍ ପ୍ରୋସିକ୍ୟୁଟର ଶ୍ରୀ ପ୍ରଦୀପ ଦାସ ଅଲଟ୍ରାସାଉଣ୍ଡ କ୍ଲିନିକ୍ ଗୁଡିକର ପଂଜିକରଣର ବିଭିନ୍ନ ଆଇନଗତ ଦିଗ ଉପରେ ଆଲୋକପାତ କରିଥିଲେ । ଶିଶୁ କନ୍ୟାମାନଂକର ଗୁରୁତ୍ୱ ସମ୍ପର୍କରେ ନିର୍ବାଚିତ ଲୋକ ପ୍ରତିନିଧିମାନଂକ ସହାୟତାରେ ନାରୀ ସୁରକ୍ଷା ସମିତି ଛେଣ୍ଡିପଦା ଅଂଚଳରେ ସଚେତନତା କାର୍ଯ୍ୟକ୍ରମ କରିବାକୁ ବୈଠକରେ ସ୍ଥିର କରାଗଲା । ଜାନୁଆରୀ ୧୮ ତାରିଖରୁ ୨୪ ତାରିଖ ସପ୍ତାହବ୍ୟାପି ଜାତୀୟ କନ୍ୟା ସନ୍ତାନ ସପ୍ତାହ ପାଳନ ଅବସରରେ ଜିଲ୍ଲାରେ ଏକ ସଚେତନତା ରଥ ପରିକ୍ରମା କରି କନ୍ୟା ସନ୍ତାନମାନଂକର ଗୁରୁତ୍ୱ ସମ୍ପର୍କରେ ବାର୍ତା ପ୍ରଚାର କରିବ । ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଅମରେନ୍ଦ୍ରନାଥ ମହାନ୍ତି ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ PC & PNDT ଆଇନର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ । PC & PNDTର PA ଶ୍ରୀ ପର୍ଶୁରାମ ପଣ୍ଡା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ power point ଉପସ୍ଥାପନ କରିଥିଲେ । ଏହି ବୈଠକରେ ଅନ୍ୟମାନଂକ ମଧ୍ୟରେ ଅନୁଗୋଳ ପୌରପାଳିକାର ପୂର୍ବତନ ଅଧ୍ୟକ୍ଷା ଶ୍ରୀମତୀ ସୁକାନ୍ତି ଦାସ, ନାରୀ ସୁରକ୍ଷା ସମିତିର ଅଧ୍ୟକ୍ଷା ସ୍ମିତାରାଣୀ ପଟ୍ଟନାୟକ, ବିଶ୍ୱ ଯୁବ କେନ୍ଦ୍ରର ନିର୍ଦ୍ଦେଶକ ଶ୍ରୀ ମନୋଜ ମହାପାତ୍ର , ସ୍ୱେଚ୍ଛାସେବୀ ଜ୍ୟୋତିର୍ମୟୀ ଦେହୁରୀ ଓ ଆଇ ସି ଡି ଏସ ର ପ୍ରୋଗ୍ରାମ ଅଫିସର ପୌର୍ଣ୍ଣମାସୀ ରଥଂକ ସମେତ ବିଭିନ୍ନ ବିଭାଗର କର୍ମକର୍ତାମାନେ ଯୋଗ ଦେଇଥିଲେ ।



